# ଅନୁଗୋଳରେ ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ।

## Preparatory meeting for Durga Puja & Laxmi Puja.

### ପୂଜା ପୂର୍ବରୁ ସହରର ରାସ୍ତାଘାଟ ମରାମତି ଓ ପରିମଳ ଉପରେ ଗୁରୁତ୍ୱ ।

ଅନୁଗୋଳ,ତା.୧୩.୦୯ : - ଅନୁଗୋଳ ସହରରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ ହେଉଥିବା ପ୍ରସିଦ୍ଧ ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ଉତ୍ସବକୁ ଶାନ୍ତି ଓ ଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ଅନୁଗୋଳ ସହରରେ ଭାଇଚାରା, ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠାରେ ସ୍ୱତନ୍ତ୍ରତା ଅର୍ଜନ କରିଛି । ଆମ ପରମ୍ପରା ଓ ସଂସ୍କୃତିର ଏହି ପୂଜାକୁ ସଫଳତାର ସହିତ ପାଳନ କରିବା ନିମନ୍ତେ ପୋଲିସ ପ୍ରଶାସନ,କେନ୍ଦ୍ରୀୟ ପୂଜା କମିଟି ଓ ବିଭିନ୍ନ ପୂଜା କମିଟି ଆନ୍ତରିକତାର ସହିତ ଜିଲ୍ଲା ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ହାଁସଦା ଯୋଗ ଦେଇଥିଲେ । ଅକ୍ଟୋବର ମାସ ୪ ତାରିଖରେ ଦୁର୍ଗାପୂଜା ଆରମ୍ଭ ହୋଇ ୯ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ । ସେହିପରି ଅକ୍ଟୋବର ମାସ ୧୩ ତାରିଖରୁ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇ ୨୩ ତାରିଖରେ ଭସାଣୀ ଉତ୍ସବ ଅନୁଷ୍ଠିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା । ସହରର ୧୨ଗୋଟି ମଣ୍ଡପରେ ଦୁର୍ଗା ପୂଜା ଓ ୨୯ ଟି ମଣ୍ଡପରେ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେବ । ହେମନ୍ତପଡା ଦୁର୍ଗାପୂଜା କମିଟି ତରଫରୁ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଲକ୍ଷ୍ମୀ ପୂଜା ଭସାଣୀ ଉତ୍ସବ ଦିନ ଷ୍ଟାଡିୟମ ପାର୍ଶ୍ୱରେ ଆତସବାଜୀ କାର୍ଯ୍ୟକ୍ରମ ବିଭିନ୍ନ ପୂଜା କମିଟି ଦ୍ୱାରା ଆୟୋଜନ କରାଯିବ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥୀ ବୈଠକରେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ପୂର୍ବ ବର୍ଷ ଭଳି ଚଳିତ ବର୍ଷ ବଳ ପୂର୍ବକ ଚାନ୍ଦା ଆଦାୟ ନ କରି ସ୍ୱତଃପ୍ରବୃତ୍ତ ଭାବେ ଚାନ୍ଦା ସଂଗ୍ରହ ନିମନ୍ତେ ବୈଠକରେ ମତ ପ୍ରକାଶ ପାଇଥିଲା । ପୂଜା ସମୟରେ ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଡି ଜେ ସାଉଣ୍ଡ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା । ଯେଉଁମାନେ ଡି ଜେ ସାଉଣ୍ଡ ବ୍ୟବହାର କରିବେ ତାହାକୁ ଜବତ କରାଯାଇ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । କେନ୍ଦ୍ରିୟ ପୂଜା କମିଟିର ସଭାପତି ଶ୍ରୀ ଅକ୍ଷୟ କୁମାର ସାମନ୍ତ ଏହି ବୈଠକରେ ଯୋଗ ଦେଇ କମିଟିରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ । ମେଳଣ ପଡିଆରେ ସ୍ଥାନାଭାବ ଯୋଗୁଁ ଗୋଟିଏ ପରେ ଗୋଟିଏ ମେଢ ଶୃଙ୍ଖଳିତ ଭାବେ ପ୍ରବେଶ କରିବା ନିମନ୍ତେ ସମସ୍ତଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ସ୍ଥାପନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଆଜିର ବୈଠକର ନିଷ୍ପତ୍ତି ଅନୁଯାୟୀ ପୂଜା ମଣ୍ଡପ ଗୁଡିକ ପାର୍ଶ୍ୱରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଉପଲବ୍ଧ କରିବାକୁ ପୂଜା କମିଟି ଗୁଡିକୁ ପରାମର୍ଶ ଦିଆଯାଇଛି । ପୂଜାର ସମସ୍ତ କାର୍ଯ୍ୟକ୍ରମରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଗଲା । ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ପୋଲିସ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ଡାକ୍ତରଖାନା ଓ ଅଗ୍ନି ନିର୍ବାପକ ସଂସ୍ଥାର ଜରୁରୀକାଳୀନ ଟେଲିଫୋନ ନମ୍ବର ପ୍ରଦର୍ଶିତ କରାଯିବ । ପୂଜାରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧି ମାନଙ୍କର ଗତିବିଧିକୁ ନିରିକ୍ଷଣ କରିବା ନିମନ୍ତେ ସି ସି ଟିଭି କ୍ୟାମେରା ଲଗାଇବା ଉପରେ ବୈଠକରେ ଗୁରୁତ୍ୱାରୋପ କରିଛନ୍ତି । ବିଦ୍ୟୁତ୍ ବିଭାଗ ଦ୍ୱାରା ପୂଜା ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ସହ ଅସୁରକ୍ଷିତ ବିଦ୍ୟୁତ ତାର ଓ ଟ୍ରାନ୍ସଫର୍ମରର ମରାମତି କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ଜନସମାଗମ ହେଉଥିବା ପୂଜା ମଣ୍ଡପ ଗୁଡିକରେ ୨୪ ଘଣ୍ଟିଆ ଜଳ ଯୋଗାଣ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ହୁଲୁରିସିଂହା ଛକ ଠାରୁ ଗାନ୍ଧୀମାର୍ଗ ବାଇପାସ ରାସ୍ତା ଦେଇ ରାଜ ହୋଟେଲ ଛକ ପର୍ଯ୍ୟନ୍ତ ରାସ୍ତାର ମରାମତି କରିବାକୁ ପୂର୍ତ୍ତ ଓ ଜାତୀୟ ରାଜପଥ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପୂଜା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଆରକ୍ଷୀ ଅଧିକ୍ଷକଙ୍କୁ ଅନୁରୋଧ କରାଯାଇଛି । ପୂଜା ସମୟରେ ପୌରପାଳିକା ଦ୍ୱାରା ପାର୍କିଂ ବ୍ୟବସ୍ଥା କରିବାକୁ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ସମସ୍ତ ପୂଜା କମିଟି ତରଫରୁ ଆବଶ୍ୟକ ସ୍ୱେଚ୍ଛାସେବୀ ନିୟୋଜିତ କରିବା ସହ ଭସାଣୀ ଶୋଭା ଯାତ୍ରାରେ ଶବ୍ଦଯୁକ୍ତ ବାଣ ନ ଫୁଟାଇବାକୁ ପରାମର୍ଶ ଦିଆଯାଇଛି । ଏହାଛଡା ପୂର୍ବ ବର୍ଷ ଭଳି ପୂଜା କମିଟି ଗୁଡିକ ପୂଜା ମଣ୍ଡପରେ ଅଗ୍ନି ନିର୍ବାପକ ଆବଶ୍ୟକ ସରଞ୍ଜାମ ରଖିବାକୁ ସ୍ଥିର ହୋଇଛି । ଅଗ୍ନିଶମ

ଅଧିକାରୀ ଓ ଇଲେକ୍ଟ୍ରିକାଲ ଇନିସ୍‌ପେକ୍ଟର ପୂଜା ମଣ୍ଡପ ନିର୍ମାଣ କାର୍ଯ୍ୟର ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବା ସହ ଏହାର ନିରାପତ୍ତା ପ୍ରମାଣ ପତ୍ର ପ୍ରଦାନ କରିବେ । ବିଭିନ୍ନ ଯାନବାହାନ,ଆମ୍ବୁଲାନ୍ସ ଓ ଅଗ୍ନିସେବା ଗାଡି ଯାତାୟତ ନିମନ୍ତେ ପ୍ରତ୍ୟେକ ପୂଜା କମିଟି ଭୂମି ଠାରୁ ଅନ୍ୟୁନ ୧୮ ଫୁଟ ଉଚ୍ଚତା ଓ ୧୨ ଫୁଟ ଚଉଡାରେ ସେମାନଙ୍କର ତୋରଣ ନିର୍ମାଣ କରିବା ସହ ଲିବ୍ରୁ ଲାଇଟ୍ ଗୁଡିକୁ ୧୬ ଫୁଟ ଉଚ୍ଚତାରେ ଲଗାଇବେ । ଜାତୀୟ ରାଜପଥରେ କୌଣସି ତୋରଣ କିମ୍ବା ଲାଇଟ୍ ଲଗାଯାଇପାରିବ ନାହିଁ । ତୋରଣ ପାଇଁ ସୃଷ୍ଟି ହେଉଥିବା ଗର୍ତ୍ତଗୁଡିକୁ ପୂର୍ତ୍ତ ବିଭାଗ ଦ୍ୱାରା ପୂରଣ କରିବାକୁ ବୈଠକରେ ସ୍ଥିର କରାଯାଇଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶବ୍ଦ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପୂଜା ମଣ୍ଡପ ଗୁଡିକରେ ରାତି ୧୦ ଘଟିକା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ପୂଜା ସମୟରେ ଯାନବାହନ ଚଳା ଚଳ ଓ ମେଢ ବିସର୍ଜନ ଯେପରି ସୁଚାରୁରୂପେ ହୋଇପାରିବ ସେଥିପାଇଁ ରାସ୍ତା ଗୁଡିକୁ ମରାମତି କରିବା ନିମନ୍ତେ ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥର ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ସେହିପରି ସହରରେ ଥିବା ରାସ୍ତା ଘାଟ ଓ ନାଳ ନର୍ଦ୍ଦମା ସଫାସୁତରା କରିବା,ପାନୀୟ ଜଳ ଯୋଗାଣ କରିବା ଏବଂ ଉତ୍ସବ ସମୟରେ ଦେଶୀ ଓ ବିଦେଶୀ ମଦ କାରବାର ଉପରେ କଟକଣା ଲଗାଇବା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ପୂଜା କମିଟି ଦ୍ୱାରା ପରିବେଷଣ କରାଯାଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ୨ ଦିନ ପୂର୍ବରୁ ଅନୁମତି ନେବାକୁ ସ୍ଥିର କରାଯାଇଛି । ଉଭୟ ପୂଜା ଉତ୍ସବ ସମୟରେ ସହରରେ ଚଳାଚଳ କରୁଥିବା ଯାନବାହନ ଗୁଡିକୁ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରାଯିବା ସହ ଏହାର ସଠିକ୍ ଗତିପଥ ନିର୍ଦ୍ଧାରଣ କରି ଟ୍ରାଫିକ୍ ବ୍ୟବସ୍ଥାକୁ ସୁଚାରୁରୂପେ ପରିଚାଳନା କରିବା ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ପୂଜା ସମୟରେ କେନ୍ଦ୍ରୀୟ ପୂଜା କମିଟି ଦ୍ୱାରା କଣ୍ଟ୍ରୋଲ ରୁମ୍ ଖୋଲାଯାଇ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାମାନଙ୍କୁ ନିୟୋଜିତ କରାଯିବ । ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା, ଉତ୍ତମ ସାଜସଜ୍ଜା ଓ ଆତସବାଜୀ କାର୍ଯ୍ୟପାଇଁ ସଂପୃକ୍ତ ପୂଜା କମିଟି ଗୁଡିକୁ ଜିଲ୍ଲା ବସ ଓ ଟ୍ରକ ମାଲିକ ସଂଘ ତରଫରୁ ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ପୁରସ୍କୃତ କରାଯିବ । ଦିନବେଳା ଭସାଣୀ ଉତ୍ସବ ଆୟୋଜନକୁ ଦୃଷ୍ଟିରେ ରଖି ଲକ୍ଷ୍ମୀ ପୂଜା ମେଢ ଗୁଡିକ ଦିନ ୩ ଘଟିକାରେ ଥାନା ଛକକୁ ଆସି ସେଠାରୁ କାଞ୍ଚନ ଟକିଜ,ବସଷ୍ଟାଣ୍ଡ,ବଜାର ଛକ ଦେଇ ସମସ୍ତ ମେଢ ଗୁଡିକ ମେଳଣ ପଡିଆକୁ ସନ୍ଧ୍ୟା ୭ ଘଟିକା ସୁଦ୍ଧା ପହଞ୍ଚିବାକୁ ସ୍ଥିର ହୋଇଛି । ମୂର୍ତ୍ତୀ ବିସର୍ଜନ ସମୟରେ ଜଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଓ ପୌର ପରିଷଦର କର୍ମକର୍ତ୍ତାମାନେ ସରକାରଙ୍କ ପ୍ରଚଳିତ ନିୟମାବଳୀ ଆଧାରରେ ବିସର୍ଜନ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି । ଦୁର୍ଗାପୂଜା ବିସର୍ଜନ କାର୍ଯ୍ୟ ନିଜ ନିଜ ଅଂଚଳରେ କୃତ୍ରିମ ଓ ଅସ୍ଥାୟୀ ପୋଖରୀରେ କରାଯିବ । ସେହିପରି ଲକ୍ଷ୍ମୀ ପୂଜା ପାଇଁ ଗୋଟିଏ ସ୍ଥାନରେ କୃତ୍ରିମ ଓ ଅସ୍ଥାୟୀ ପୋଖରୀରେ ସାମୁହିକ ଭସାଣୀ କାର୍ଯ୍ୟ ଅନୁଷ୍ଠିତ ହେବ । ମୂର୍ତ୍ତୀ ତିଆରିରେ କୌଣସି ପ୍ରକାର କୃତ୍ରିମ ରଂଗ ବ୍ୟବହାର ହୋଇପାରିବ ନାହିଁ । ଭସାଣୀ ସମୟରେ ଆମ୍ବୁଲାନ୍ସ ଓ ଅଗ୍ନି ନିର୍ବାପକ ଗାଡି ସତର୍କ ହୋଇ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଡ଼ଃ.ରାକେଶ କୁମାର ମହାନ୍ତି,ଡେପୁଟି କଲେକ୍ଟର ଶ୍ରୀ ବଇଦ୍ଧରା ଦିପ୍, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, କେନ୍ଦ୍ରୀୟ ପୂଜା କମିଟି ଓ ବିଭିନ୍ନ ପୂଜା କମିଟି ଗୁଡିକର କର୍ମକର୍ତ୍ତା,ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଶେଷରେ ଅନୁଗୋଳ ଉପଜିଲ୍ଲାପାଳ ଶ୍ରୀ ବାସୁଦେବ ଶତପଥି ଉଭୟ ଉତ୍ସବକୁ ଶାନ୍ତି ଶୃଙ୍ଖଳା ଓ ଆନନ୍ଦ ଉଲ୍ଲାସ ସହ ପାଳନ କରିବାକୁ ସମସ୍ତଙ୍କର ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।


ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ପ୍ରସ୍ତୁତି ବୈଠକ
ଆୟୋଜକ- ଜିଲ୍ଲା ପ୍ରଶାସନ, ଅନୁଗୋଳ
TOILET